# ଅନୁଗୋଳ ଜିଲ୍ଲାରେ "ଶିଶୁଙ୍କ ପାଇଁ ଦିନଟିଏ" ପାଳନ ।

ଅନୁଗୋଳ, ତା ୨୨.୦୬.- ଜିଲ୍ଲାରେ ଶିଶୁସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରାଇବା ଓ ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ଅନୁଗୋଳ ଜିଲ୍ଲା ପ୍ରଶାସନଙ୍କ ଦ୍ୱାରା ଜିଲ୍ଲାରେ ଶିଶୁଙ୍କ ପାଇଁ ଦିନଟିଏ ତଥା ଜିଲ୍ଲା ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଗ୍ରାମ, ଗ୍ରାମ ପଂଚାୟତ ସ୍ତରରେ ପାଳିତ ହୋଇଥିବା ବେଳେ ଜିଲ୍ଲା ସ୍ତରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସନ୍ତୋଷ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀଶଙ୍କର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଶିଶୁ ମଙ୍ଗଳ କମିଟିର ସଭ୍ୟ ସଭ୍ୟା, ଉପ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ଶ୍ରମ ଅଧିକାରୀ, ଚାଇଲ୍ଡ ଲାଇନ, ଜିଲ୍ଲା ଅବକାରୀ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପ୍ରତିନିଧି, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ପ୍ରତିନିଧି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଶିଶୁ ମାନଙ୍କ ସୁରକ୍ଷା ପାଇଁ ଥିବା ବିଭିନ୍ନ ଅନୁଷ୍ଠାନ ଗୁଡିକର ସ୍ଥିତି ସମ୍ପର୍କରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଏଲପିଓ ଶ୍ରୀ ପ୍ରଦୀପ ନାୟକ ଉପସ୍ଥାପନ କରି ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଓ ଲାଗିରହିଥିବା ସମସ୍ୟା ଗୁଡିକୁ ଆଲୋଚନା କରାଇ ଏହାର ସମାଧାନ ନିମନ୍ତେ ଆବଶ୍ୟକିୟ ନିଷ୍ପତିମାନ ଗ୍ରହଣ କରାଯାଇଥିଲା । ଏହାପରେ ଜିଲ୍ଲାର ଶିଶୁ ମାନଙ୍କୁ ପ୍ରଭାବିତ କରୁଥିବା ମୁଖ୍ୟ ସାମାଜିକ ସମସ୍ୟା ବାଲ୍ୟ ବିବାହ ଉପରେ ଆକ୍ସନଏଡ ଓ ୟୁନିସେଫର ଜିଲ୍ଲା ସଂଯୋଜକ ଶ୍ରୀ ସନ୍ତୋଷ କୁମାର ବେହେରା ଗତ ୬ ମାସ ମଧ୍ୟରେ ହୋଇଥିବା କାର୍ଯକ୍ରମର ପ୍ରଗତି ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ । ଜିଲ୍ଲାରେ ଦିନକୁ ଦିନ ବାଲ୍ୟ ବିବାହ ବଢୁଥିବାର ଦେଖା ଯାଉଛି । ଯାହା ଫଳରେ କିଶୋରୀ ମାତୃତ୍ୱ ସଂଖ୍ୟା ମଧ୍ୟ ବଢି ଚାଲିଛି । ଜିଲ୍ଲାରେ ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ପୁଲିସ ବିଭାଗ ତରଫରୁ ବିହିତ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଗଲା । ଯେ କୌଣସି ଶିଶୁଙ୍କୁ ବିପଦରୁ ଉଦ୍ଧାର କରି ସାରିବା ପରେ ଶିଶୁ ମଙ୍ଗଳ କମିଟିରେ ନିଶ୍ଚିତ ଭାବେ ଉପସ୍ଥିତ କରାଇବା ସହିତ ସୁପରାମର୍ଶ ପ୍ରଦାନ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଅଧାରୁ ପାଠ ଛାଡିବା ଦ୍ୱାରା ପିଲାମାନେ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକର ଶିକାର ହେଉଛନ୍ତି । ସେଭଳି ବର୍ଗର ପିଲାମାନଙ୍କୁ ଚିହ୍ନଟ କରିବା ପରେ ସେମାନଙ୍କୁ ବିଦ୍ୟାଳୟ ଫେରାଇ ଆଣିବା କିମ୍ବା ଧନ୍ଦା ମୂଳକ ତାଲିମ ବ୍ୟବସ୍ଥା କରାଯିବା ପାଇଁ ନିଷ୍ପତି ନିଆଯାଇଛି । ଏହାପରେ ଜିଲ୍ଲା ଶ୍ରମ ଅଧିକାରୀ ଶିଶୁ ଶ୍ରମିକ ଲୋପ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଜିଲ୍ଲାର ଅନେକ ବିଦ୍ୟାଳୟ ପ୍ରାଙ୍ଗଣ ନିକଟରେ ମାଦକ ଦ୍ରବ୍ୟ ବିକ୍ରୟ ଦୋକାନ ଥିବାର ଦେଖା ଯାଉଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ଅବକାରୀ ବିଭାଗ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଜିଲ୍ଲା ଅବକାରୀ ଅଧିକାରୀ ଉପସ୍ଥାପନ କରିଥିଲେ । ଏ ସମସ୍ତ ପ୍ରକାର ଅଭିଯାନଗୁଡିକୁ ଅଧିକରୁ ଅଧିକତମ ତୀବ୍ର କରାଇବା ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ପ୍ରଦାନ କରାଯାଇଥିଲା । ଏହି ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମଟିକୁ ସମସ୍ତ ଗ୍ରାମ, ଗ୍ରାମ ପଂଚାୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ନିୟମିତ ଭାବରେ ଆୟୋଜନ କରାଇବା ଓ ଶିଶୁ ସୁରକ୍ଷା ତଥା ବାଲ୍ୟ ବିବାହ ବନ୍ଦ କରିବା କ୍ଷେତ୍ରରେ ପୋଲିସ ବିଭାଗ ଅଧିକ ସକ୍ରିୟ ହୋଇ ସିଡିପିଓମାନଙ୍କୁ ଓ ଚାଇଲ୍ଡ ଲାଇନକୁ ଯଥାସମ୍ଭବ ସହାୟତା ପ୍ରଦାନ କରି ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ କୁ କାର୍ଯ୍ୟକାରୀ କରାଇବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ସମସ୍ତ ବାଲ୍ୟ ବିବାହ ମାମଲା ଗୁଡିକୁ ଥାନାରେ ନିଶ୍ଚିତ ଭାବେ ପଞ୍ଜୀକରଣ କରିବା ପାଇଁ ଉପ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ପରିଶେଷରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ପିଓଏନଆଇସି ଝରଣା ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା- ୩୮୯ ତା. ୨୨.୦୬.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଅନୁଗୋଳ ।

OPPO Reno7 5G
2023.06.22 19:05


"A DAY FOR CHILDREN"
COURT OF THE COLLECTOR & DISTRICT MAGISTRATE
ANGUL
CHILD & ADOLESCENT LABOUR
(P&R) ACT, 1986
Date : 22nd June 2023
Venue: Court Hall, Collectorate, Angul
OPPO Reno7 5G
2023.06.22 11:08


OPPO Reno7 5G
2023.06.22 11:08


OPPO Reno7 5G
2023.06.22 11:09


ANGUL
OPPO Reno7 5G
2023.06.22 12:48